ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା


# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 20-02-2026**

**ଖୋର୍ଦ୍ଧା(ଓଡିଶା) - :2026-02-20 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-02-21 | 2026-02-22 | 2026-02-23 | 2026-02-24 | 2026-02-25 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 10.0 | 10.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 34.0 | 34.0 | 35.0 | 35.0 | 34.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 16.0 | 17.0 | 18.0 | 18.0 | 19.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 82 | 86 | 91 | 93 | 89 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 18 | 22 | 27 | 31 | 27 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 5 | 5 | 4 | 7 |
| ପବନର ଦିଗ (ଡିଗ୍ରୀ) | 321 | 283 | 274 | 217 | 219 |
| ମେଘାଛନ୍ନ (ଅକ୍ଟା) | 1 | 1 | 2 | 6 | 7 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ଆଗାମୀ ତିନି ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ଓ ଅନ୍ୟ ଦିନ ମାନଙ୍କରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୪ – ୦୭ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୪ - ୩୫ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୬ - ୧୯ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

### ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| ଆଗାମୀ ମଙ୍ଗଳବାର ଓ ବୁଧବାର ଦିନ ବିଜୁଳି ଓ ଘଡଘଡି ର ସତର୍କତା ଚେତାବନୀ ରହିଛି । |

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ। ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

### ସାଧାରଣ ଉପଦେଶ:

| |
|---|
| □ ବର୍ତମାନ ସମୟରେ ତାପମାତ୍ରା ବୃଦ୍ଧି ଓ ଆଗାମୀ ତିନି ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ଥିବାରୁ ଚାଷୀ ଭାଇ ମାନେ ଆବଶ୍ୟକ ମୁତାବକ ଜମିରେ ଜଳ ସେଚନ କରନ୍ତୁ । □ ଅଧିକ ଅମଳକ୍ଷମ ଧାନ କିସମ ପାଇଁ ପିଲସାର ହିସାବରେ ଧାନ ରୋଇବାର 3 ସପ୍ତାହ ବେଳକୁ ଏକର ପ୍ରତି 35 କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । □ ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥା ସମୟରେ ଧଳାମାଛି, ଜଉ ପୋକ ଓ ପତ୍ର ଡିଆଁ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ । □ ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ ନିହାତି ଜରୁରୀ । ବିହନ ବିଶୋଧନ କରିବା ପାଇଁ ୧୦୦- ଲିଟର ପାଣିରେ ୧୫୦-ଗ୍ରାମ Carbendazim ନାମକ ଫିମ୍ପିନାଶକ, ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ। ଏହିଦ୍ରବଣ ରେ ଆଖୁ ଖଣ୍ଡ ଗୁଡିକୁ ୩୦ ମିନିଟ ବୁଡାଇ ମୁଖ୍ୟ ଜମିରେ ଲଗାନ୍ତୁ । □ ଶଙ୍କର ବା ହାଇବ୍ରୀଡ କିସମ ଭେଣ୍ଡି ପାଇଁ ଏକର ପ୍ରତି ୧.୫ କିଲୋଗ୍ରାମ ବିହନ ଉପଯୋଗୀ । ଶଙ୍କର ବିହନ ପାଇଁ ଏକର ପ୍ରତି ୩୫-କିଲୋଗ୍ରାମ ଡିଏପି, ୨୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୨୦-କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି କୁ ଧାଡି କୁ ଧାଡି ୬୦ ସେମି ଏବଂ ଗଛ କୁ ଗଛ ୪୫ ସେମି ବ୍ୟବଧାନ ରେ ଲଗାନ୍ତୁ । □ ବର୍ତମାନ ମାଟିର ତାପମାତ୍ରା ୫ ରୁ ୧୦ ସେମି ଗଭୀରରେ ୩୦ ଡିଗ୍ରୀ ସେଲସିୟସ ରୁ ଅଧିକ ରହୁଥିବାରୁ ତାହା ଆଳୁ ଫସଲକୁ ପ୍ରଭାବିତ କରିଥାଏ । ତେଣୁ ମାଟି କୁ ଆବଶ୍ୟକୀୟ ଆଚ୍ଛାଦିକାରଣ ଓ ଆବଶ୍ୟକ ଜଳ ସେଚନ କରନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥା ସମୟରେ ଧଳାମାଛି, ଜଉ ପୋକ ଓ ପତ୍ର ଡିଆଁ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ କାଣ୍ଡ ବିନ୍ଧା ପୋକ ଶୁଖିଲା ପାଗ ଦେଖି ଧାନ ଫସଲ ରେ କାଣ୍ଡ ବିନ୍ଧା ପୋକ ର ପ୍ରଜାପତି ଦେଖାଦେଲେ ଏକର ପ୍ରତି ୮-କିଲୋଗ୍ରାମ Cartap hydrochloride ୪G ନାମକ ଦାନାଦାର କୀଟନାଶକ କିମ୍ବା ୧୦-କିଲୋଗ୍ରାମ Fipronil ନାମକ ଦାନାଦାର କୀଟନାଶକ କିମ୍ବା ୪-କିଲୋଗ୍ରାମ Chlorantraniliprole ନାମକ ଦାନାଦାର କୀଟନାଶକ କିମ୍ବା ୬-କିଲୋଗ୍ରାମ Imidacloprid ନାମକ ଦାନାଦାର ର କୀଟନାଶକ ,ସମାନ ଓଜନ ର ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ । |
| ବାଦାମ | □ କାଣ୍ଡ ପଚା ରୋଗ ପରିଚାଳନା ପାଗ ଶୁଖିଲା ଥିଲେ ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମି.ଲି Validamycin ନାମକ ଫିମ୍ପିନାଶକ କିମ୍ବା ୩୦୦- ଗ୍ରାମ Captan ଓ Hexaconazole ର ମିଶ୍ରିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ । |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବିରି | □ ଧଳା ମାଛି ଧଳା ମାଛି ର ନିୟନ୍ତ୍ରଣ ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି triazophos @ ୪୦୦ ମିଲି କିମ୍ବା Acetamipride @ ୪୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | □ ଛୋଟ ପତ୍ର ରୋଗ ବାଇଗଣ ର ଛୋଟ ପତ୍ର ରୋଗ ମାଇକୋପ୍ଲାଜମା ନାମକ ଏକ ଅଣୁଜୀବ ଜନିତ ରୋଗ । ପତ୍ରଡିଆଁ ପୋକ ଏହି ରୋଗର ବାହକ ଅଟେ । ବାଇଗଣ ର ଛୋଟ ପତ୍ର ରୋଗର ପରିଚାଳନା ପାଇଁ ପ୍ରଥମେ ଜମି ରୁ ରୋଗାକ୍ରାନ୍ତ ଗଛ ଗୁଡକୁ ଓପାଡି ଦୂରରେ ପୋତିଦିଅନ୍ତୁ। ଏହି ରୋଗର ବାହକ ପତ୍ରଡିଆଁ ପୋକର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୬୦ ଗ୍ରାମ Flonicamid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଝୋଟନି ନାୄଠି | □ ଅଷ୍ଟପଦୀ ପୋକ - ଶୁଖିଲା ପାଗ ଦେଖି ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି Ethion ନାମକ କୀଟନାଶକ କିମ୍ବା ୨୦୦ ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦ ମିଲି Propargite ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଲଙ୍କା | □ ଅଷ୍ଟପଦୀ ପୋକ - ଶୁଖିଲା ପାଗ ଦେଖି ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି Ethion ନାମକ କୀଟନାଶକ କିମ୍ବା ୨୦୦ ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦ ମିଲି Propargite ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଫୁଲକୋବି | □ ପତ୍ରଖିଆ ପୋକ ଏହି ପୋକ ଗୁଡିକର ପରିଚାଳନା ପାଇଁ ନିୟମିତ ଭାବରେ ଫସଲ ର ସର୍ବେକ୍ଷେଣ କରି ଶୁକ ଓ ଅଣ୍ଡା ପୁଞ୍ଜ ଗୁଡିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ ଗ୍ରାମ Flubendiamide ନାମକ କୀଟନାଶକ ମିଳୁଛି କିମ୍ବା ୭୫ ମିଲି Spinosad, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ତରବୁଜ | □ ବର୍ତମାନ ର ଶୁଷ୍କ ଓ ଉଷ୍ମ ପାଗ ତରଭୁଜ ଚାଷ ପାଇଁ ଉପଯୁକ୍ତ ସମୟ । ଉର୍ନତ କିସମ ଯଥା ସୁଗାର ବେବି, ଅର୍କ ମାଣିକ, ଲାଲ ସୋନା ଓ ଶଙ୍କର ବା ହାଇବ୍ରୀଡ କିସମ ଯଥା ମାଧୁରୀ, ମାୟା, ସୁଇଟ ରୁବି, ବ୍ଲାକ ମ୍ୟାଜିକ ଓ ସୁଗାର ପ୍ୟାକ ଆଦି କିସମ ଲଗାନ୍ତୁ । ଏକ ଏକର ପାଇଁ ୪୦୦ ରୁ ୮୦୦ ଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ । ମଞ୍ଜି ଲଗାଇବା ପୂର୍ବ ରୁ ପ୍ରତି କିଲୋଗ୍ରାମ ମଞ୍ଜି କୁ ୧ ଗ୍ରାମ carbendazim ରେ ବିଶୋଧନ କରନ୍ତୁ । |
| ଊଂ୧ଠଝଁ | □ ଦହିଆ ପୋକ ବର୍ତମାନ ଜଳବାୟୁ ରେ ପିଜୁଳି ଓ ଆମ୍ବ ରେ ଦହିଆ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଶୁଖିଲା ପାଗ ଦେଖି ଫେବ୍ରୁଆରି ଓ ମାର୍ଚ ମାସରେ Dimethoate ୩୦ EC @ ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଇଣ୍ଡିଆନ ମଜର କାର୍ପ | □ ମାଛର ଧବଳ ରୋଗ ହେଲେ ଧଳା ଧଳା ଭାତୁଡି ଭଳି ଚିହ୍ନ ଦେଖାଯାଏ ଓ ହାତକୁ ଖଦଡା ଲାଗେ । ମାଛ ଦେହରୁ ଅଧିକା ଝାଳ ନିର୍ଗତ ହୁଏ। ଏହାର ପ୍ରତିକାର ପାଇଁ ୨୦୦ ଲିଟର ପାଣି ରେ ୫୦୦ ଗ୍ରାମ ଗୋଟା ଲୁଣ ଭଲ ଭାବେ ମିଶାଇ ଆକ୍ରାନ୍ତ ମାଛକୁ ୫ ମିନିଟ ବୁଡାଇ ପୋଖରୀ ରେ ଛାଡନ୍ତୁ । ଏହି ପ୍ରକ୍ରିୟା ୭ ରୁ ୧୦ ଦିନ ପର୍ଯ୍ୟନ୍ତ କରନ୍ତୁ । |

**ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**